# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 19 December – 2025

*******************************

## ମୁଖ୍ୟ ସମ୍ବାଦ

- ଶେଷ ହେଲା ସଂସଦର ଶୀତକାଳୀନ ଅଧିବେଶନ; ଉଭୟ ଗୃହ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ
- ପାରମ୍ପରିକ ଔଷଧ ସମ୍ପର୍କିତ ଦ୍ୱିତୀୟ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସମ୍ମିଳନୀକୁ ଆଜି ଉଦ୍‌ବୋଧନ ଦେବେ ପ୍ରଧାନମନ୍ତ୍ରୀ
- ଶାସନ, ନାଗରିକ ସେବାକୁ ତ୍ୱରାନ୍ୱିତ ଲକ୍ଷ୍ୟରେ 'ଓଡ଼ିଶା ଏଆଇ ମିଶନ' ପୋର୍ଟାଲର ହେଲା ଶୁଭାରମ୍ଭ

— ଭୁବନେଶ୍ୱରଠାରେ 'ଆଂଚଳିକ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ'କୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଏବଂ

- ତୃଣମୂଳସ୍ତରରେ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ସ୍ଥିତି ପରଖିବା ପାଇଁ ରାଜସ୍ୱ ମନ୍ତ୍ରୀଙ୍କ କୋଟିଆ ଗସ୍ତ

# ସଂସଦ ମୁଲତବୀ

ସଂସଦର ଉଭୟ ଗୃହକୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ମୁଲତବୀ କରାଯାଇଛି । ୧୯ଦିନ ଧରି ଚାଲିଥିବା ଶୀତକାଳୀନ ଅଧିବେଶନ ଆଜି ସମାପ୍ତ ହୋଇଛି । ପ୍ରଥମେ ଲୋକସଭା ଓ ପରେ ରାଜ୍ୟସଭାକୁ ମୁଲତବୀ ଘୋଷଣା କରାଯାଇଛି। ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉଦ୍ଯାପନୀ ଦିବସରେ ଉଦ୍‌ବୋଧନ ଦେଇ କହିଛନ୍ତି, ଏହି ଅଧିବେଶନ କାଳରେ ୧୫ଟି କାର୍ଯ୍ୟଦିବସରେ ୧୧୧ ପ୍ରତିଶତ କାର୍ଯ୍ୟଦକ୍ଷତା ମିଳିପାରିଛି । ଶାନ୍ତିଶୃଙ୍ଖଳାର ସହ ଗୃହ ପରିଚାଳନାରେ ସହଯୋଗ କରିଥିବାରୁ ବାଚସ୍ପତି ଶ୍ରୀ ବିର୍ଲା  ସମସ୍ତ ସାଂସଦମାନଙ୍କୁ  ଧନ୍ୟବାଦ ଜଣାଇଛନ୍ତି ।

**- V/O -**

ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକୃଷ୍ଣନ ତାଙ୍କ ଉଦ୍ଯାପନୀ ଭାଷଣରେ କହିଛନ୍ତି, ଗୃହ ମୋଟ୍ ୯୨ଘଣ୍ଟା ଚାଲିଥିଲା ଏବଂ ୧୨୧ ପ୍ରତିଶତ କାର୍ଯ୍ୟଦକ୍ଷତା ରେକର୍ଡ ହୋଇଛି । ଏହି ଅଧିବେଶନରେ ଅଣଷଠିଟି ବିଲ୍ ଆଗତ ହେବା ସହ ଐତିହାସିକ ତଥା ଗଣତାନ୍ତ୍ରିକ ମୂଲ୍ୟବୋଧ ରଖୁଥିବା ବିଭିନ୍ନ ଗୁଣାତ୍ମକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା ବୋଲି ଶ୍ରୀ ରାଧାକୃଷ୍ଣନ କହିଛନ୍ତି ।  ଅଧିବେଶନ କାଳରେ ନିର୍ବାଚନୀ ସଂସ୍କାର ଓ ଜାତୀୟ ଗୀତ ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ଅବସରରେ ଏକ ସ୍ୱତନ୍ତ୍ର ଆଲୋଚନା ହୋଇଥିଲା ।

# ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ଚାଲିଥିବା ପାରମ୍ପରିକ ଔଷଧ ସମ୍ପର୍କିତ ଦ୍ୱିତୀୟ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ଉଦ୍‌ବୋଧନ ଦେବେ । ଏହି ଅବସରରେ ଶ୍ରୀ ମୋଦୀ ଆୟୁଷ କ୍ଷେତ୍ରରେ ଡିଜିଟାଲ ପୋର୍ଟାଲ୍ 'ମାଇ ଆୟୁଷ ସମନ୍ୱିତ ସେବା ପୋର୍ଟାଲ୍'ର ଶୁଭାରମ୍ଭ କରିବେ । ଶ୍ରୀ ମୋଦୀ ମଧ୍ୟ ଯୋଗ ତାଲିମ୍ ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବୈଷୟିକ ରିପୋର୍ଟ୍ ଏବଂ ଏକ ପୁସ୍ତକ ଉନ୍ମୋଚନ କରିବେ ।

ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀରେ ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ଦକ୍ଷିଣ ପୂର୍ବ ଏସିଆ ଆଞ୍ଚଳିକ କାର୍ଯ୍ୟାଳୟର ନୂତନ କମ୍ପ୍ଲେକ୍ସର ମଧ୍ୟ ଶୁଭାରମ୍ଭ କରିବେ ।

## ଏଆଇ ସମ୍ମିଳନୀ

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀକକ୍ଷରେ ଆଜିଠାରୁ ଦୁଇଦିନିଆ 'ଆଂଚଳିକ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ' ଆରମ୍ଭ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମରେ ଆଭାସୀ ଜରିଆରେ ଯୋଗ ଦେଇଥିଲେ । ଇଲେକ୍‌ଟ୍ରୋନିକ୍ସ ଓ ଆଇ.ଟି. ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କାର୍ଯ୍ୟକ୍ରମରେ ଯୋଗଦେଇ ଡିଜିଟାଲ ଇଣ୍ଡିଆ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା-ଏଆଇ'ର ଭୂମିକା ଓ ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ ।

ଦୈନନ୍ଦିନ ଜୀବନରେ ଏଆଇର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ନିରନ୍ତର ପ୍ରୟାସରେ ରାଜ୍ୟ ବିକାଶର ପଥରେ ଅଗ୍ରଗତି କରୁଛି ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି। ସମ୍ମିଳନୀରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ପ୍ରତିନିଧି, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ସାମିଲ ହୋଇଛନ୍ତି। ଏହି ଅବସରରେ ଓଡ଼ିଶା ଏଆଇ ମିଶନ ପୋର୍ଟାଲର ଶୁଭାରମ୍ଭ କରାଯାଇଛି, ଯାହା ଶାସନ ଏବଂ ନାଗରିକ ସେବାକୁ ଆହୁରି ତ୍ୱରାନ୍ୱିତ କରିବ।

ଶିକ୍ଷା, ସ୍ୱାସ୍ଥ୍ୟ, ବିପର୍ଯ୍ୟୟ ପରିଚାଳନା, ମହିଳା ଓ ଶିଶୁ ବିକାଶ ବିଭାଗ, ସଂସଦୀୟ ବ୍ୟାପାର ବିଭାଗରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ଉପରେ ଧ୍ୟାନ କେନ୍ଦ୍ରୀତ କରାଯାଇଛି। ଆଗାମୀ ଦିନରେ ରାଜ୍ୟର ୪୧ଟି ବିଭାଗରେ ଏଆଇର ଉପଯୋଗ କରାଯିବ। ଓଡ଼ିଆ ଭାଷାକୁ ଏଆଇରେ ଆଣିବା ଓ ଭାଷାଦାନ କାର୍ଯ୍ୟକ୍ରମ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି। ଓଡ଼ିଶା ଏଆଇ ମିଶନ ପାଇଁ ଚଳିତ ଆର୍ଥିକବର୍ଷରେ ସ୍ୱତନ୍ତ୍ର ବଜେଟ୍ ଘୋଷଣା କରାଯାଇଛି।

## ଜି ରାମ୍ ଜି ବିଲ୍ ପାରିତ

ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ୍ ପାଇଁ ଗ୍ୟାରେଣ୍ଟି ଅଭିଯାନ ଗ୍ରାମୀଣ – ଭି.ବି- ଜି.ରାମ୍.ଜି. ବିଲ୍-୨୦୨୫ ସଂସଦର ଅନୁମୋଦନ ଲାଭ କରିଛି । ଗତକାଲି ଏହି ବିଲ୍ ରାଜ୍ୟସଭାରେ ପାରିତ ହୋଇଛି ।

୨୦ ବର୍ଷର ପୁରୁଣା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଆଇନ ବଦଳରେ ଏହା କାର୍ଯ୍ୟକାରୀ ହେବ। ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ଅଧୀନରେ ଏକ ଗ୍ରାମୀଣ ବିକାଶ ଢ଼ାଞ୍ଚା ପ୍ରସ୍ତୁତ କରିବାରେ ଏହା ସହାୟକ ହେବ । ପୂର୍ବରୁ ରହିଥିବା ୧୦୦ ଦିନର ନିଶ୍ଚିତ ନିଯୁକ୍ତି ବ୍ୟବସ୍ଥାକୁ ଏଥିରେ ୧୨୫ ଦିନକୁ ବୃଦ୍ଧି କରାଯାଇଛି । ଏଥିରେ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ୬୦-୪୦ ଅନୁପାତରେ ପାଣ୍ଠି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଅନ୍ୟପକ୍ଷରେ ଉତ୍ତର ପୂର୍ବାଞ୍ଚଳ ଏବଂ ହିମାଳୟ ଅଞ୍ଚଳ ଅନ୍ତର୍ଗତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକରେ ପାଣ୍ଠି ଆବଣ୍ଟନ ୯୦-୧୦ ଅନୁପାତରେ ଧାର୍ଯ୍ୟ କରାଯାଇଛି।

ଗତକାଲି ରାଜ୍ୟସଭାରେ ଏହି ବିଲ୍ ସମ୍ପର୍କରେ ଚାଲିଥିବା ଆଲୋଚନାର ଉତ୍ତର ରଖି ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଥିଲେ, ଗ୍ରାମୀଣ ବିକାଶ ବିନା ଦେଶର ବିକାଶ ଅସମ୍ଭବ।

ବିଶେଷ କରି ସମାଜର ଅବହେଳିତ ବର୍ଗର ବିକାଶ ଲାଗି ସରକାର ଅବିରତ ପ୍ରଚେଷ୍ଟା ଜାରି ରଖିଛନ୍ତି। ଭି.ବି.-ଜି.ରାମ୍.ଜି. ବିଲ୍ ୨୦୨୫ ଲାଗି ପର୍ଯ୍ୟାପ୍ତ ପାଣ୍ଠି ୧ ଲକ୍ଷ ୫୧ ହଜାର ୨୮୨ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ସେଥିରୁ ୯୫ ହଜାର କୋଟିରୁ ଅଧିକ ଟଙ୍କା କେନ୍ଦ୍ର ପ୍ରଦାନ କରିବ ବୋଲି ଶ୍ରୀ ଚୌହାନ କହିଥିଲେ।

## କୋଟିଆ-ରାଜସ୍ୱମନ୍ତ୍ରୀ

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଜି କୋଟିଆ ଗସ୍ତ କରିବେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ ତୃଣମୂଳସ୍ତରରେ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ସ୍ଥିତି ପରଖିବେ। ଜିଲ୍ଲା-ବ୍ଲକ୍ ପ୍ରଶାସନ ଓ ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା, ସରକାରୀ ଅଧିକାରୀଙ୍କ ରିପୋର୍ଟ ଆଧାରରେ ଗ୍ରାଉଣ୍ଡ ଜିରୋରେ କାର୍ଯ୍ୟକାରିତା ନେଇ ଯାଞ୍ଚ କରାଯିବ। ପରବର୍ତ୍ତୀ ବୈଠକରେ ମତାମତ ଅନୁଯାୟୀ ବିଭିନ୍ନ ବିକାଶମୂଳକ ଯୋଜନା ନେଇ ପଦକ୍ଷେପ ନିଆଯିବ। ପ୍ରଥମ ଥର ପାଇଁ ସ୍ଥାନୀୟ ପ୍ରଶାସନ ଆନ୍ଧ୍ର ଅଧିକାରୀଙ୍କ ପ୍ରବେଶକୁ ଅବରୋଧ କରିଛନ୍ତି। କୋଟିଆରେ ଅନଧିକାର ପ୍ରବେଶ ବନ୍ଦ କରିବା ସହ ଜନସାଧାରଣଙ୍କୁ ସରକାର ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି  ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ଚଳିତମାସ ଶେଷ ସପ୍ତାହରେ କୋଟିଆ କମିଟି ବୈଠକ ଅନୁଷ୍ଠିତ ହେବ।

## ବିଧାୟକଙ୍କ ଦରମା ବୃଦ୍ଧି

ବିଧାୟକମାନଙ୍କ ଦରମା ବୃଦ୍ଧି ପ୍ରସଙ୍ଗର ପୁନଃବିଚାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ନିବେଦନ କରିଛନ୍ତି। ଏ ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖ୍ୟ ସଚେତକ ପ୍ରମୀଳା ମଲ୍ଲିକ୍ ଓ ଉପ ମୁଖ୍ୟ ସଚେତକ ପ୍ରତାପ ଦେବ ସୂଚନା ପ୍ରଦାନ କରିଛନ୍ତି। ଗତକାଲି ରାଜ୍ୟରେ ବିଧାୟକ ଓ ପୂର୍ବତନ ବିଧାୟକଙ୍କ ଦରମା, ଭତ୍ତା ବୃଦ୍ଧି ପ୍ରସଙ୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବି.ଜେ.ପି. ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଲୋକମତକୁ ସମ୍ମାନ ଜଣାଇ ବିଧାୟକଙ୍କ

ଦରମା, ଭତ୍ତା ବୃଦ୍ଧିର ପୁନର୍ବିଚାର କରିବାକୁ ଲିଖିତ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ୍ କହିଥିଲେ।

## ଧାନ ସଂଗ୍ରହ

**ଗଞ୍ଜାମ** ଜିଲ୍ଲାରେ ଆସନ୍ତା ୨୩ ତାରିଖରୁ ଧାନ ମଣ୍ଡି ଏବଂ ୨୬ ତାରିଖରୁ ମାଣ୍ଡିଆ ମଣ୍ଡି ଖୋଲାଯିବ। ପଞ୍ଜୀକୃତ ଚାଷୀଙ୍କଠାରୁ ମଣ୍ଡିରୁ ଧାନ ସଂଗ୍ରହ କରାଯିବ। ଚଳିତବର୍ଷ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଇନ୍‌ପୁଟ୍ ସହାୟତାକୁ ମିଶାଇ କୁଇଣ୍ଟାଲ ପିଛା ଚାଷୀଙ୍କୁ ୩୧ ଶହ ଟଙ୍କା ପ୍ରଦାନ କରାଯିବ। ଏ ନେଇ ଦୁଇଟି ସଚେତନତା ରଥ ଜିଲ୍ଲା ଉପଖଣ୍ଡର ବିଭିନ୍ନ ଗ୍ରାମ ପରିକ୍ରମା କରି ଚାଷୀମାନଙ୍କୁ ଟୋକନ ମିଳିଲା ପରେ ମଣ୍ଡିକୁ ଧାନ ଆଣିବା, ଏଫ୍ଏକ୍ୟୁ ଧାନ ଏବଂ ପୋକରାମୁକ୍ତ ଧାନ ମଣ୍ଡିକୁ ଆଣିବା ନେଇ ସଚେତନ କରାଉଛି। ଚାଷୀ ଟୋଲ ଫ୍ରି ନମ୍ବର ୧୯୬୭କୁ କଲ୍ କରି ସମସ୍ତ ତଥ୍ୟ ପାଇପାରିବେ ବୋଲି ଜିଲ୍ଲାପାଳ ଭି.କିର୍ତ୍ତିଭାଷନ କହିଛନ୍ତି। ସେହିପରି ଚଳିତବର୍ଷ ମାଣ୍ଡିଆ କୁଇଣ୍ଟାଲ ପିଛା ଏମ୍ଏସ୍‌ପି ୪ ହଜାର ୮୮୬ ଟଙ୍କା ରହିଛି। ଜିଲ୍ଲାର ୧୧ଟି ବ୍ଲକ୍‌ରୁ ପଞ୍ଜୀକୃତ ଚାଷୀଙ୍କଠାରୁ ମାଣ୍ଡିଆ କ୍ରୟ କରାଯିବ। ଚଳିତଥର ୩୬ ହଜାର କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

## ଉନ୍ନୟନମୂଳକ ଯୋଜନା

ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଆଜି **ଭଦ୍ରକ** ସର୍କିଟ ହାଉସ୍‌ଠାରେ ଜିଲ୍ଲାର ଉନ୍ନୟନମୂଳକ ଯୋଜନାର ଅଗ୍ରଗତି ନେଇ ଆଲୋଚନା କରିଛନ୍ତି। ଜିଲ୍ଲାର ଚରମ୍ପା ଅଞ୍ଚଳରେ ଉଚ୍ଛେଦ ହୋଇଥିବା ବ୍ୟବସାୟୀଙ୍କୁ ପୁନଃଥଇଥାନ କରିବା, ଓଏସ୍ଆରଟିସି ସରକାରୀ ପରିବହନ

ପଡିଆରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ନୂତନ ବସ୍‌ଷ୍ଟାଣ୍ଡର ଆଧୁନିକୀକରଣ ଓ ଜନସାଧାରଣଙ୍କୁ ପରିବହନ କ୍ଷେତ୍ରରେ ତ୍ୱରିତ ସୁବିଧା ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଲୋଚନାରେ ସ୍ଥାନୀୟ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ, ବିଭାଗୀୟ ସଚିବ, ପରିଚାଳନା ନିର୍ଦ୍ଦେଶକ ପ୍ରମୁଖ ଯୋଗଦେଇଥିଲେ।

## ଖାଦ୍ୟ ମହୋତ୍ସବ

ଭୁବନେଶ୍ୱରସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ଆସନ୍ତା ୨୩ ତାରିଖ ମଙ୍ଗଳବାରଠାରୁ ଓଡ଼ିଶା ଖାଦ୍ୟ ମହୋତ୍ସବ-୨୦୨୫ ଅନୁଷ୍ଠିତ ହେବ। ରାଜ୍ୟର ସମସ୍ତ ପାରମ୍ପରିକ ଖାଦ୍ୟକୁ ମହୋତ୍ସବରେ ପ୍ରଦର୍ଶିତ କରାଯିବ। ଏ ନେଇ ଆଜି ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଭୂମିପୂଜନ କରାଯାଇଛି। ମହୋତ୍ସବ ଆସନ୍ତା ୨୯ ତାରିଖ ଯାଏଁ ଚାଲିବ।

## ତାଲିମ କାର୍ଯ୍ୟକ୍ରମ

**ଗଜପତି** ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଯୁକ୍ତଧାରା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର ରାୟଗଡ଼ ଓ ଗୋଷାଣୀ ବ୍ଲକ୍‌ର ସମସ୍ତ ୪୨ ଜଣ ହିସାବରକ୍ଷକ ଓ ଗ୍ରାମ ରୋଜଗାର ସେବକମାନେ ଯୋଗଦେଇ ଏମ୍‌ଜିଏନଆରଜିଏସ୍ ସମେତ ଉପଗ୍ରହ ମାନଚିତ୍ର ଅନୁସାରେ ସଠିକ୍ ବ୍ୟବହାର ଓ କାର୍ଯ୍ୟକରିବା ଉପରେ ତାଲିମ୍ ଗ୍ରହଣ କରିଥିଲେ।

## ସମୀକ୍ଷା ବୈଠକ

**ବୌଦ୍ଧ** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ 'ଏକ ପେଡ୍ ମା' କେ ନାମ' କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମର ଅଗ୍ରଗତି ଏବଂ 'ଏକ୍ ପେଡ୍ ମା' କେ ନାମ୍-୨.୦'ର ପ୍ରସ୍ତୁତି ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିବା ସହ ସମସ୍ତ ତଥ୍ୟ ଶତପ୍ରତିଶତ ଅପଲୋଡ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ଜଙ୍ଗଲ ସମ୍ବଳ ସୁରକ୍ଷା

**ଗଜପତି** ଜିଲ୍ଲା ଗୋଷାଣୀ ବ୍ଲକ୍ ଆଲୁରୀନଗରସ୍ଥିତ ସେଞ୍ଚୁରିଆନ୍ ୟୁନିଭରସିଟି ପରିସରରେ ଥିବା ସମ୍ମିଳନୀକକ୍ଷରେ ଜିଲ୍ଲାର ମହିଳା ବିକାଶ ପ୍ରତିଷ୍ଠାନ ପକ୍ଷରୁ ଜଙ୍ଗଲ ସମ୍ବଳ ସୁରକ୍ଷାର ଗୁରୁତ୍ୱ ଏବଂ ପରିଚାଳନା ପାଇଁ ଏକ ତିନିଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜଙ୍ଗଲ ସମ୍ବଳ ସୁରକ୍ଷାରେ ମହିଳାମାନଙ୍କର ଅଂଶଗ୍ରହଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଗଜପତି ଜିଲ୍ଲାର ରାୟଗଡ଼, ଗୋଷାଣୀ ଏବଂ ରା.ଉଦୟଗିରି ବ୍ଲକ୍‌ରୁ ୧୫ଟି ଜଙ୍ଗଲ ପରିଚାଳନା କମିଟିର ସଦସ୍ୟମାନେ ଯୋଗଦେଇଥିଲେ।

## ସାଂସଦ ଖେଳ ମହୋତ୍ସବ

**ନବରଙ୍ଗପୁର** ଜିଲ୍ଲା ଡାବୁଗାଁଠାରେ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ୩ ଦିନ ଧରି ହେବାକୁ ଥିବା ଏହି ଖେଳ ମହୋତ୍ସବରେ କ୍ରିକେଟ, ଫୁଟବଲ, ଭଲିବଲ, ଖୋ-ଖୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ମହୋତ୍ସବରେ ୧୨ଟି ପଂଚାୟତର ଖେଳାଳି ଅଂଶଗ୍ରହଣ କରିଛନ୍ତି।